# EAM's inaugurates the 15th CII - Exim Bank Digital Conclave on India-Africa Project Partnership

September 22, 2020

# ବୈଦେଶିକ ମନ୍ତ୍ରୀଙ୍କ ଦ୍ୱାରା 15ତମ ସିଆଇଆଇ - ଏକ୍ସିମ୍ ବ୍ୟାଙ୍କ ଇଣ୍ଡିଆ-ଆଫ୍ରିକା ଡିଜିଟଲ୍ କନକ୍ଲେଭ୍ ଉଦଘାଟିତ

22 ସେପ୍ଟେମ୍ବର, 2020

ଭାରତର ବୈଦେଶିକ ମନ୍ତ୍ରୀ ଡା. ଏସ୍. ଜୟଶଙ୍କର, ନୂଆ ଦିଲ୍ଲୀରେ 22 ସେପ୍ଟେମ୍ବରକୁ ଭାରତ-ଆଫ୍ରିକା ପ୍ରକଳ୍ପ ଭାଗୀଦାରୀ ଉପରେ 15ତମ ସିଆଇଆଇ-ଏକ୍ସିମ୍ ବ୍ୟାଙ୍କ ଡିଜିଟଲ୍ କନକ୍ଲେଭରେ ଉଦଘାଟନୀ ଭାଷଣ ଦେଇଥିଲେ।

ଉଦଘାଟନ ଅଧିବେଶନରେ କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟର ପ୍ରଧାନମନ୍ତ୍ରୀ, ମହାମହିମ ଶ୍ରୀ ସିଲଭଷ୍ଟ୍ରେ ଇଲଙ୍ଗା, ମରିଶସର ଉପ-ପ୍ରଧାନମନ୍ତ୍ରୀ, ମହାମହିମ ଶ୍ରୀ ମହମ୍ମଦ ଅନୱର ହୁସ୍ନୋ, କେନ୍ୟାର ବୈଦେଶିକ ବ୍ୟାପାର କ୍ୟାବିନେଟ୍ ସଚିବ, ମହାମହିମ ସୁଶ୍ରୀ ରେଚଲ୍ ଅୱୁର ଓମାମୋ ତଥା ନାଇଜେରିଆର ଉଦ୍ୟୋଗ, ବାଣିଜ୍ୟ ଓ ନିବେଶ ମନ୍ତ୍ରୀ, ମହାମହିମ ଓଟୁନବା ନିୟୀ ଅଦେବାୟୋ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ଡା. ଜୟଶଙ୍କର ଆଫ୍ରିକା-ଭାରତ ସମ୍ବନ୍ଧ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଆଫ୍ରିକାର ଉପନିବେଶବାଦ ତଥା ଭେଦଭାବରୁ ମୁକ୍ତିର ପ୍ରୟାସର ସମୟରୁ ଏହାକୁ ଆଗକୁ ବଢ଼ାଇ ସେ ରେଖାଙ୍କିତ କରିଥିଲେ ଯେ, ଆଫ୍ରିକା ପାଇଁ ଭାରତର ପ୍ରତିବଦ୍ଧତାକୁ ଚାରୋଟି ସ୍ତମ୍ଭରେ ଦର୍ଶାଯାଇଛି, ଯାହା ହେଉଛି ବିକାଶ ଭାଗୀଦାରୀ, ବାଣିଜ୍ୟ ଓ ନିବେଶ, ଲୋକମାନଙ୍କ ମଧ୍ୟରେ ସୁଦୃଢ଼ ସମ୍ପର୍କ, ବିଶେଷକରି ଯୁବ ଆଫ୍ରିକୀୟମାନଙ୍କ ପାଇଁ ଶିକ୍ଷା ଓ କ୍ଷମତା ନିର୍ମାଣ ଏବଂ ନିକଟରେ ପ୍ରତିରକ୍ଷା ଓ ସମୁଦ୍ର ସୁରକ୍ଷା କ୍ଷେତ୍ରରେ। ସେ ଦର୍ଶାଇଥିଲେ ଯେ, ଭାରତ 37ଟି ଆଫ୍ରିକୀୟ ଦେଶରେ 194ଟି ବିକାଶାତ୍ମକ ପ୍ରକଳ୍ପକୁ ସମ୍ପାଦନ କରିଛି ଏବଂ ବର୍ତ୍ତମାନ ସମୁଦାୟ $ 11.6 ବିଲିୟନ୍ ପରିବ୍ୟୟ ସହିତ 29ଟି ଦେଶରେ 77ଟି ଅତିରିକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟରତ ଅଛି। ପ୍ରକଳ୍ପରେ ଭିତ୍ତିଭୂମିଠାରୁ ଆରମ୍ଭ କରି ଆଇସିଟି ପର୍ଯ୍ୟନ୍ତ, ବିଦ୍ୟୁତ୍ ଉତ୍ପାଦନ ଓ ବିତରଣଠାରୁ ଆରମ୍ଭ କରି ଜଳ ଓ ଜଳସେଚନ ପର୍ଯ୍ୟନ୍ତ, ରେଳବାଇଠାରୁ ଆରମ୍ଭ କରି ସଡ଼କ ପର୍ଯ୍ୟନ୍ତ, କୃଷିଠାରୁ ଆରମ୍ଭ କରି ଚିନି କାରଖାନା ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ଅଛି। ସେ ଆହୁରି ମଧ୍ୟ କହିଥିଲେ ଯେ, ଭାରତ ନିଜର ବିକାଶାତ୍ମକ ଅନୁଭବକୁ ଆଫ୍ରିକାରେ ଲାଗୁ କରିବା ଜାରି ରଖିଲା ଏବଂ ନିଜର ଭାଗୀଦାରୀକୁ, ସ୍ଥାନୀୟ ସମୁଦାୟଠାରୁ ଛଡ଼ାଇବା ବଦଳରେ ସଶକ୍ତ କରିବାକୁ ଦାବି କଲା।

ବୈଦେଶିକ ମନ୍ତ୍ରୀ ଭାରତର ଡିଜିଟଲ୍ ଯାତ୍ରା ବିଷୟରେ ମଧ୍ୟ କହିଲେ, ଯାହା ଭାରତୀୟମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଯତ୍ନ ଓ କଲ୍ୟାଣକାରୀ ଲାଭଗୁଡ଼ିକର ବିତରଣରେ ଦୃଢ଼ ଗୁଣକ ଭାବେ ରହିଥିଲା ଏବଂ କିପରି ଏହା ଆଫ୍ରିକା ପାଇଁ ମଧ୍ୟ ଉପଯୋଗୀ ହୋଇପାରିବ: ଇ-ବିଦ୍ୟା ଓ ଇ-ଆରୋଗ୍ୟ ଭାରତୀ ମାଧ୍ୟମରେ ପ୍ରମୁଖ ଭାରତୀୟ ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନାଗୁଡ଼ିକ, ଟେଲି-ଶିକ୍ଷା ଓ ଟେଲି-ମେଡିସିନ୍ ସେବା ଯୋଗାଇଦେବା ପାଇଁ 16ଟି ଆଫ୍ରିକୀୟ ଦେଶ ସହିତ ଯୋଡ଼ିହୋଇଛନ୍ତି।

ବୈଦେଶିକ ମନ୍ତ୍ରୀ ଏହା ମଧ୍ୟ କହିଲେ ଯେ, କିପରି ଭାରତୀୟ ନିବେଶ ଆଫ୍ରିକୀୟ ଦେଶଗୁଡ଼ିକରେ ଉର୍ଜା, ଖନନ, ବ୍ୟାଙ୍କିଙ୍ଗ୍, କପଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ରୋଜଗାର ଓ ସୁଯୋଗ ସୃଷ୍ଟି  କରିଛି। ମୋଜାମ୍ବିକରେ ଥିବା ଏକ ଗ୍ୟାସ୍ କ୍ଷେତ୍ରରେ ଭାରତର ପ୍ରାୟ 7 ବିଲିୟନ୍ ଆମେରିକୀୟ ଡଲାର୍ ନିବେଶ ସମେତ ଦକ୍ଷିଣ ସୁଦାନ, ଉତ୍ତର ଓ ପଶ୍ଚିମ ଆଫ୍ରିକାରେ ଉର୍ଜା ନିବେଶ ମଧ୍ୟ ଉଲ୍ଲେଖ କରିଥିଲେ। ସେ,

ଅନେକ ସଂଖ୍ୟକ ଆଫ୍ରିକୀୟ ଛାତ୍ରମାନଙ୍କର ଅସଂଖ୍ୟ ବିଷୟରେ ସେମାନଙ୍କ ଡିଗ୍ରୀ ସମେତ ସ୍ୱଳ୍ପକାଳିକ ପାଠ୍ୟକ୍ରମରେ ଭାରତର ସ୍ୱାଗତ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ; ସମଗ୍ର ଆଫିକାରେ ଥିବା ଭାରତୀୟ ମୂଳ ସମୁଦାୟ ଦ୍ୱାରା ଆଫ୍ରିକା ମହାଦ୍ୱୀପର ମାନବ ପୁଞ୍ଜି ଏବଂ ଆଫ୍ରିକା ସେମାନଙ୍କୁ ଦେଇଥିବା ଆତିଥେୟରେ ସେମାନଙ୍କର ଯୋଗଦାନ ବିଷୟରେ ମଧ୍ୟ କହିବାକୁ ଭୁଲିନଥିଲେ।

ବୈଦେଶିକ ମନ୍ତ୍ରୀ ଏହା ସ୍ୱୀକାର କରିଥିଲେ ଯେ, ଭାରତ ଓ ଆଫ୍ରିକା ପାଇଁ ପ୍ରତିରକ୍ଷା ଓ ନିରାପତ୍ତା ସହଯୋଗ 21 ଶତାବ୍ଦୀର ଏକ ମହତ୍ତ୍ୱପୂର୍ଣ୍ଣ ସ୍ତମ୍ଭ ଅଟେ: ଅନେକ ଆଫ୍ରିକୀୟ ଦେଶରେ ଭାରତ ଷ୍ଟାଫ୍ ଓ କମାଣ୍ଡ କଲେଜ୍ ସ୍ଥାପନା କରିବାରେ ସାହାଯ୍ୟ କରିଛି ଏବଂ ଅନେକ ସଂଖ୍ୟକ ଅଧିକାରୀ ଓ ସୈନିକମାନଙ୍କୁ ଭାରତୀୟ ସୈନ୍ୟ ଅନୁଷ୍ଠାନରେ ତାଲିମ୍ ପ୍ରଦାନ କରିଛି। ଆଫ୍ରିକାରେ ଶାନ୍ତି ସ୍ଥାପନା ଅଭିଯାନରେ ଭାରତୀୟ ରେକର୍ଡର ପ୍ରଶଂସା କରାଯାଇଛି ଏବଂ ବର୍ତ୍ତମାନ ସମୁଦ୍ର ସୁରକ୍ଷା ସମେତ ଏଚ୍.ଏ.ଡି.ଆର୍. ମିଶନ ହେଉଛି ଏକ ନୂଆ ସୀମା।

ଆଫ୍ରିକୀୟ ଦେଶଗୁଡ଼ିକୁ କୋଭିଡ୍-ସମ୍ବନ୍ଧିତ ଔଷଧ ଏବଂ ଡାକ୍ତରୀ ଦଳ ପଠାଇଥିବାରୁ ଭାରତର ଉଦାରତାକୁ ଆଫ୍ରିକୀୟ ନେତାମାନେ ପ୍ରଶଂସା କରିଥିଲେ। ସେମାନଙ୍କର ଦେଶଗୁଡ଼ିକରେ ଭାରତର ଅନୁଦାନ ସହାୟତା କିମ୍ବା ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବିସ୍ତାରିତ ରିଆତିଯୁକ୍ତ ଋଣ ମାଧ୍ୟମରେ ସ୍ଥାପିତ ନିର୍ଦ୍ଦିଷ୍ଟ ପ୍ରକଳ୍ପର ସବିଶେଷ ରୂପରେଖ ବିଷୟରେ କେତେକ ମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେମାନଙ୍କ ନାଗରିକମାନଙ୍କ ପାଇଁ ଭାରତ ଦ୍ୱାରା କରାଯାଇଥିବା ଦକ୍ଷତା-ନିର୍ମାଣ କାର୍ଯ୍ୟକ୍ରମ ବିଷୟରେ ସେମାନେ କହିଥିଲେ।

ଆଫ୍ରିକୀୟ ମନ୍ତ୍ରୀମାନେ, ମହାମାରୀର ପ୍ରତିକୂଳ ପ୍ରଭାବ ଏବଂ ତାହା କିପରି ସେମାନଙ୍କର କେତେକ ଦେଶରେ ପ୍ରଥମ ମାନ୍ଦାବସ୍ଥା କରାଇଲା, ତାହା କହିବା ସହ ସେମାନେ, 2019ରେ ଆଫ୍ରିକୀୟ ମହାଦ୍ୱୀପ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (AfCFTA) ପ୍ରଭାଶାଳୀ ହେବା ଏବଂ ମହାଦ୍ୱୀପ ବ୍ୟାପୀ ବଜାର ସ୍ଥାପନା ଦ୍ୱାରା ସେମାନଙ୍କ ଦେଶରେ ପରିବର୍ଦ୍ଧିତ ବାଣିଜ୍ୟ, ନିଯୁକ୍ତି ଓ ନିବେଶକୁ ନେଇ ନିଜର ସନ୍ତୁଷ୍ଟି ବ୍ୟକ୍ତ କରିଥିଲେ। ବୈଦେଶିକ ମନ୍ତ୍ରୀ ନିଜ ଟିପ୍ପଣୀରେ ଏହି ମହତ୍ତ୍ୱପୂର୍ଣ୍ଣ ଏଫ୍.ଟି.ଏ. ଲାଗୁ ହେବାକୁ ମଧ୍ୟ ସ୍ୱାଗତ କରିଥିଲେ ଏବଂ ମନେପକାଇଥିଲେ ଯେ, ଏହା ଜୁଲାଇ 2019ରେ ନାଇଜରରେ ଆୟୋଜିତ ଏ.ୟୁ. ଶିଖର ସମ୍ମିଳନୀ ପରେ ନିଜର ପରିଚାଳନା ପର୍ଯ୍ୟାୟରେ ପ୍ରବେଶ କରିଥିଲା, ଯାହାର ଅନେକ ଅଧିବେଶନ ମହାତ୍ମା ଗାନ୍ଧୀ ଅନ୍ତର୍ରାଷ୍ଟ୍ରୀୟ କନଭେନ୍ସନ୍ ସେଣ୍ଟରରେ ଆୟୋଜିତ କରାଯାଇଥିଲା, ଯାହା ଭାରତ ସରକାରଙ୍କ ଅନୁଦାନ ସହାୟତା ଅନ୍ତର୍ଗତ ତିଆରି କରାଯାଇଥିବା ଏକ ଅତ୍ୟାଧୁନିକ ସମ୍ମିଳନୀ କେନ୍ଦ୍ର ଅଟେ।

ଉଦଘାଟନୀ ସତ୍ରକୁ, କନକ୍ଲେଭର ଆୟୋଜକ ଶ୍ରୀ ଉଦୟ କୋଟକ୍, ସିଆଇଆଇ ଅଧ୍ୟକ୍ଷ ଏବଂ ଶ୍ରୀ ଡେଭିଡ୍ ରସକିହ୍ନା, ଭାରତୀୟ ଏକ୍ସିମ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ମଧ୍ୟ ସମ୍ବୋଧିତ କରିଥିଲେ। ଆଫ୍ରିକା-ଭାରତ କନକ୍ଲେଭ୍ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ 27 ଜଣ ମନ୍ତ୍ରୀ ସମ୍ବୋଧିତ କରିବେ, ଯାହା ନିଜର 15 ବର୍ଷର ଇତିହାସରେ ସବୁଠାରୁ ଅଧିକ ମନ୍ତ୍ରୀ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବ।

ନୂଆ ଦିଲ୍ଲୀ
22 ସେପ୍ଟେମ୍ବର, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.